# Akashvani, Sambalpur

# SAMBALPURI NEWS MORNING BULLETIN

## 24 September 2026 - 6.47- 6.52 am.

---

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଗଭୀର ଅବପାତ୍‌ର ଆଏଜ୍ ଡେରି ରାତି ଆନ୍ଧ୍ରପ୍ରଦେଶ୍‌ର କଳିଙ୍ଗ ପଟ୍‌ନମ୍ ଠାନେ ସ୍ଥଳଭାଗ୍ ଛିଇଁଛେ । ଲେଣ୍ଡ୍‌ଫଲ୍ ସମିଆଥି ପବନ୍‌ର ବେଗ ଘଂଟାକ ୭୫ କିଲୋମିଟର୍ ଥିଲା । ଇତାର୍ ପ୍ରଭାବ୍‌ଥି ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ନ ଜବର୍ ବର୍ଷା ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ଭିତ୍‌ରେ କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରପୁଟ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷାକେ ନେଇକରି ରେଡ଼୍‌ୱାର୍ଣ୍ଣିଂ ଜାରି କରାଯାଇଛେ । ସେନ୍ତା ବର୍‌ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍ ସହେତେ ୧୨ ଟା ଜିଲ୍ଲା ନ ଜବର୍ ବର୍ଷାକେ ନେଇକରି ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇକରି ସତର୍କ

କରାଯାଇଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଅନୁଗୁଲ୍ ସହେତେ ୧୨ ଟା ଜିଲ୍ଲାକେ ବର୍ଷାକେ ନେଇକରି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।

ଗଭୀର୍ ଅବପାତ ଲାଗି ରାଏଜେ ହେଉଥିବା ବର୍ଷା ଆଉ ଇତାର୍ ପ୍ରଭାବ୍‌କେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍  ସମୀକ୍ଷା କରିଥିଲେ ।

ସବୁ ପ୍ରାକୃତିକ ବିପର୍ଯ୍ୟୟଥି ରାଜ୍ୟ ସର୍‌କାର୍‌ଙ୍କର୍ ନୀତି ହେଉଛେ ଜିରୋ କାଜୁଆଲିଟି ବଲି ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ହେଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ବିଭାଗ୍- ଜିଲ୍ଲା ପ୍ରଶାସନ୍ ସାଙ୍ଗେ ତାଲ୍‌ମେଲ୍ ରଖିକରି ଇ ପରସ୍ଥିତିର୍ ମୁକାବିଲା କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଏଚ୍‌ଏଲ୍‌ସିଏ- ବୈଠକ          ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଏଚ୍‌ଏଲ୍‌ସିଏର ୪୬ ନମ୍ବର୍ ବୈଠକ୍‌ଥି ୧୫ ଟା ଜିଲ୍ଲା ନ ମୋଟ୍ ୨ ଲାଖ୍ ୪୭

ହଜାର୍ ଶହେ ୧୫ କୋଟିନୁ ଅଏତ୍କା ଟଙ୍କାର୍ ପୁଞ୍ଜିନିବେଶ୍ ବାବଦ୍ ୨୭ ଟା ପ୍ରମୁଖ୍ ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ସେଥିର୍‌ଲାଗି ଓଡ଼ିଶାର୍ ପୁଞ୍ଜିନିବେଶ୍ ପାଇପ୍ ଲାଇନ୍‌ଥି ଗୁଟେ ବଡ଼ ସମ୍ପ୍ରସାରଣ୍ ହେଇଛେ । ଇ ପ୍ରକଳ୍ପ ଜରିଏ ୫୦ ହଜାର୍ ଶହେ ୬୨ ଟା ନିଯୁକ୍ତି ତିଆର୍ ହେବାର୍ ସମ୍ଭାବନା ରହିଛେ । ରାଜ୍ୟର୍ ଭିନ୍ ଭିନ୍ ଶିଳ୍ପ କ୍ଷେତ୍ର ଲାଗି ଇ ନିବେଶ୍ ଆସିଛେ । ଏଚ୍‌ଏଲ୍‌ସିଏ ଅଧୀନ୍‌ଥି ଅନୁମୋଦିତ୍ ୨୭ ଟା ପ୍ରକଳ୍ପ ଦେବ୍‌ଗଡ଼୍, କଲାହାଣ୍ଡି, ନୂଆପଡ଼ା, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ଥାପ୍‌ନା କରାଯିବା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ କହିଛନ୍, ଏଚଏଲ୍‌ସିଏଥି ଅନୁମୋଦିତ୍ ପୁଞ୍ଜିନିବେଶ୍‌ର ପରିମାଣ୍ ଆଉ ବିବିଧତା ଓଡ଼ିଶା ଲାଗି ପୁଞ୍ଜିନିବେଶ୍‌କାରୀମାନ୍‌କର୍ ବଢୁଥିବା ବିଶ୍ୱାସ୍‌ର ପ୍ରତିଫଲନ୍ ଆଏ । ସନ୍ତୁଳିତ୍ ଆଂଚଲିକ୍ ଶିଳ୍ପ ବିକାଶ୍ ଆମର୍ ସର୍ବୋଚ୍ଚ ପ୍ରାଥମିକତା ଆଏ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସମବାୟ ସଦସ୍ୟତା ଅଭିଯାନ୍-ସମ୍ବନ୍ଧ          ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ସମବାୟ କ୍ଷେତ୍ରକେ ଆହୁରି ବର୍କସ୍ କରାଯିବା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସମବାୟ କ୍ଷେତ୍ରର୍ ସମ୍ପ୍ରସାରଣ୍ ଲାଗି ଗୁଟେ ମେଗା ସମବାୟ ସଦସ୍ୟତା ଅଭିଯାନ୍-ସମ୍ୱନ୍ଧର ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ଡିଜିଟାଲ୍ ଜରିଏ ସଦସ୍ୟତା ପଞ୍ଜିକରଣ୍‌କେ ସହଜ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ନୂଆଁ ମୋବାଇଲ୍ ଆପ୍ଲିକେସନ୍‌ର ଭିଲ୍ ଶୁଭାରମ୍ଭ କରାଯିବା । ଇ ଅବ୍‌ସରେ ସମବାୟ କ୍ଷେତ୍ର ନ ବହୁତ୍‌ଟେ ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରାଯିବା । କାର୍ଯ୍ୟକ୍ରମ୍‌ଥି ସବୁ ଜିଲ୍ଲାକେ ଆଭାସୀ ଜରିଏ ଜୁଡ଼ାଯିବା । ଇତାର୍‌ସହେତେ ଓଡ଼ିଶା ସମବାୟ ଇତିହାସ୍‌ଥି ପହେଲାଥର୍ ଲାଗି ପେକ୍ସ ଆର୍ ଲେମ୍ପ୍ସ ମାନ୍‌କର୍ ଚାଷୀ ସଦସ୍ୟମାନ୍‌କୁ ଲାଭାଂଶ ଦିଆଯିବାର୍ ଭିଲ୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ମୋଡ଼େଲ୍ ମଣ୍ଡିର୍ ଭିତିପ୍ରସ୍ତର୍ ଥାପ୍‌ନା ସହେତେ ବୃହତ୍ ଶସ୍ୟ ସଂରକ୍ଷଣ୍ ଯୋଜ୍‌ନା ଅଧୀନ୍‌ଥି ତିଆର୍ ହେବାର୍‌କେ ଥିବା ଗୁଦାମ୍ ଘର୍‌ର ଭିତିପ୍ରସ୍ତର୍ ଥାପ୍‌ନା କରାଯିବା । ସମବାୟ ନିରୀକ୍ଷକ୍ ଆଉ ରାଜ୍ୟ ପଣ୍ୟାଗାର୍ ନିଗମ୍‌ର ପ୍ରାର୍ଥୀମାନ୍‌କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଯୁକ୍ତିପତ୍ର ଭିଲ୍ ବାଂଟ୍‌ବେ ।

ଜ୍ଞାନୋଦୟ- ଶିକ୍ଷାନୁ ସମୃଦ୍ଧି          ଆଇ ଆଣ୍ଡ୍ ପି.ଆର୍

ଜ୍ଞାନୋଦୟ- ଶିକ୍ଷାନୁ ସମୃଦ୍ଧି -କେଜି ନୁ ପିଜି ମାହାଲିଆ ଶିକ୍ଷା ଯୋଜ୍ନା ଅଧୀନ୍ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଯୋଗ୍ୟ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍କୁ ୨ ନମ୍ବର୍ କିସ୍ତି ବାବଦ୍ ୧୪ କୋଟି ୩୪ ଲାଖ୍ ଟଙ୍କା ଅର୍ଥ ରାଶି ସାମ୍ସ ଜରିଏ ସିଧାସଲଖ୍ ଦିଆଯାଇଛେ ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଇତାର୍ ଆଘୋନୁ ପହେଲା କିସ୍ତିର୍ ୧୦ ପ୍ରତିଶତ୍ ବାବଦ୍ ୯ କୋଟି ୫୬ ଲାଖ୍ ଟଙ୍କା ଦିଆଯାଇଥିଲା । ଆଏବା ଦିନେ ଇ ଯୋଜ୍ନା ଅଧୀନ୍ଥି ରହିଥିବା ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍କୁ ୩ / ୪ ଆଉ ୫ ନମ୍ବର୍ କିସ୍ତି ବାବଦ୍ ଟଙ୍କା ଦିଆଯିବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ଭାବ୍ ଦିଆନିଆ

କର୍‌ବେ । ଇଟା ତାଙ୍କର୍ ଶହେ ୩୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ବଳି ବାମନ ବେଶ          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍ ବାମନ ଜନ୍ମ ନୀତି ଶେଷ୍ ହେବାର୍ ଉତ୍‌ରୁ ଆଏଜ୍ ମାହାପୁରୁମାନ୍‌କର୍ ବଳି ବାମନ ବେଶ କରାଯିବା । ବାମନ ରୂପୀ ବାଲକ୍ ହିସାବେ ଶ୍ରୀ ଜଗନ୍ନାଥ୍ ମହାପ୍ରଭୁ ରତ୍ନ ସିଂହାସନ୍ ନ ଉଭା ହେବେ । ଶ୍ରୀ ବଳଭଦ୍ର ରାଜବେଶ ଧାରଣ୍ କରୁଥିବାର୍ ବେଳେ ଦେବୀ ସୁଭଦ୍ରା ସାଧାରଣ୍ ବେଶଥି ଦର୍ଶନ୍

ଦେବେ । ଆଏଜ୍ ଶ୍ରୀମନ୍ଦିର୍ ନ ଦୁଇପହର୍ ଧୂପ ସର୍ବାର୍ ଉତ୍ରୁ ମାହାପୁରୁଙ୍କୁ ବାମନ ବେଶଥି ସଜାୟିବା ।

ଏନ୍ଏସ୍ଏସ୍ ଦିବସ୍      ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ଜାତୀୟ ସେବା ଯୋଜ୍ନା- ଏନ୍ଏସ୍ଏସ୍ ଦିବସ୍ ପାଲନ୍ କରାୟାଉଛେ । ଭାରତ୍ ସର୍କାର୍ଙ୍କର୍ ୟୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଲୟ ତର୍ଫୁ ଇ ଯୋଜ୍ନାଥି ଛାତ୍ରଛାତ୍ରୀମାନ୍କୁ ସମାଜ୍ସେବା ଆଡ୍କେ ତହଁକାବାର୍ ଲାଗି କାର୍ଯ୍ୟକ୍ରମ୍ ଗ୍ରହଣ୍ କରାୟାଉଛେ । ଶିକ୍ଷା ସଂସ୍ଥାନ୍ ମାନ୍କୁ ସେନର୍ ଲୁକ୍କର୍ ସହେତେ ଜୁଡ୍ବାର୍ ଲାଗି ଏନ୍ଏସ୍ଏସ୍ ଗୁଟେ କେନ୍ଦ୍ରୀୟ ମିଶନ୍ ଭାବେ କାମ୍ କରି ଆସୁଛେ । ୧୯୬୯ ମସିହାଥି ଜାତିର୍ ପିତା ମହାତ୍ମା ଗାନ୍ଧୀଙ୍କର୍ ଜନ୍ମ ଶତବାର୍ଷିକୀ ପାଲନ୍ ଅବ୍ସରେ ଜାତୀୟ ସେବା ଯୋଜ୍ନା ମୁଲ୍ ହେଇଥିଲା ।

ସ୍ୱତନ୍ତ୍ର ମେଗା ଡ୍ରାଇଭ୍       ନୂଆପଡ଼ା ସମ୍ବାଦଦାତା

ଜାତୀୟ ଆଇନସେବା ପ୍ରାଧିକରଣ୍- ନାଲ୍ସାର ନିର୍ଦ୍ଦେଶ୍‌ରେ ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତରଫ୍‌ରୁ ସୁନାବେଡ଼ା ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଳୟ ନ ୬୦ ଦିନିଆ ସ୍ୱତନ୍ତ୍ର ମେଗା ଡ୍ରାଇଭ୍‌ର ଶୁଭାରମ୍ଭ ହେଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ନବନୀତା ଦାସ ଇତାର୍ ଉଦ୍‌ଘାଟନ୍ କରିଛନ୍ । ନାଲ୍ସା ତରଫ୍‌ରୁ ଦେଶର୍ ୧୮ ଟା ରାଜ୍ୟର୍ ୩ ନୁ ୭ ଟା ଲେଖା ଜିଲ୍ଲାକେ ଇଥିର୍‌ଲାଗି ବଛାଯାଇଛେ । ଯେନ୍‌ଥି ନୂଆପଡ଼ା ଜିଲ୍ଲା ଠାନ୍ ପାଇଛେ ।